# NATIONAL NEWS BULLETIN (ODIA)

**19 October - 2025**

**Morning Bulletin : 7.15 a.m.**

*************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଭାରତ'ଶ୍ରୀଲଙ୍କା ଦ୍ୱିପାକ୍ଷିକ ସମ୍ପର୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି-କହିଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ।
- ଅଯୋଧ୍ୟା ଭଳି ଦିଲ୍ଲୀରେ ଅନୁଷ୍ଠିତ ହେଲା ଦୀପୋତ୍ସବ ।
- ସୀମାରେ ସଂଘର୍ଷ ପରେ ତୁରନ୍ତ ଅସ୍ତ୍ରବିରତି ଲାଗୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନର ସମ୍ମତି ପ୍ରକାଶ ।
- ପାକିସ୍ତାନ ଆକ୍ରମଣରେ ଆଫଗାନିସ୍ତାନର ୩ଜଣ ଖେଳାଳିଙ୍କ ମୃତ୍ୟୁ ହେବା ପରେ ତ୍ରିରାଷ୍ଟ୍ରୀୟ ଟି-୨୦ କ୍ରିକେଟ୍ ସିରିଜ୍‌ରୁ ଓହରିଲା ଆଫଗାନିସ୍ତାନ ।

ଏବଂ

- କ୍ରିକେଟ୍‌ରେ ଆଜି ଭାରତ-ଅଷ୍ଟ୍ରେଲିଆ ଏବଂ ମହିଳା ବିଶ୍ୱକପ୍‌ରେ ଭାରତ-ଇଂଲଣ୍ଡ ମଧ୍ୟରେ ହେବ ମୁକାବିଲା ।

## ଶ୍ରୀଲଙ୍କା ପିଏମ୍-ବିକଶିତ ଭାରତ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୁରିଆ କହିଛନ୍ତି ଦୁଇଦେଶ ମଧ୍ୟରେ ବାଣିଜ୍ୟ, ସାମୁଦ୍ରିକ ସୁରକ୍ଷା ଏବଂ ସମାବେଶୀ ଜୀବନଶୈଳୀର ବିକାଶ ଲାଗି ସହଯୋଗର ଆବଶ୍ୟକତା ରହିଛି । ଗତକାଲି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର

କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଶ୍ରୀଲଙ୍କା ମୁକ୍ତ ବାଣିଜ୍ୟ ଚିନ୍ତାଧାରାକୁ ସମର୍ଥନ କରେ । ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି । ସେ କହିଛନ୍ତି ଶ୍ରୀଲଙ୍କାର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ।

## ଜିତେନ୍ଦ୍ର-ନାଫିଥ୍ରୋମାଇସିନ୍

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଭାରତ ପ୍ରଥମ ସ୍ୱଦେଶୀ ଆବିଷ୍କୃତ ଆଣ୍ଟିବାୟୋଟିକ୍ ନାଫିଥ୍ରୋମାଇସିନ୍ ବିକଶିତ କରିଛି । ନୂଆଦିଲ୍ଲୀରେ ଏକ ଚିକିତ୍ସା କର୍ମଶାଳାକୁ ଉଦ୍‌ଘାଟନ କରି ଡକ୍ଟର ସିଂହ କହିଛନ୍ତି ଏହି ଆଣ୍ଟିବାୟୋଟିକ୍ ଶ୍ୱାସକ୍ରିୟା ସଂକ୍ରମଣ ବିରୁଦ୍ଧରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିବା ସହ ବିଶେଷକରି କର୍କଟ ରୋଗୀ ଏବଂ ମଧୁମେହ ରୋଗୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି । ସେ କହିଛନ୍ତି ଦେଶରେ ବିଜ୍ଞାନ ଏବଂ ଗବେଷଣା ଅଭିବୃଦ୍ଧିକୁ ଆହୁରି ଆଗକୁ ନେବାପାଇଁ ସ୍ୱତନ୍ତ୍ର ଇକୋ ସିଷ୍ଟମ ବିକାଶ କରିବାକୁ ପଡିବ ।

# ଦିଲ୍ଲୀ-ଦିପୋତ୍ସବ

ପ୍ରଥମ ଥର ପାଇଁ, ଦିଲ୍ଲୀରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଅନୁଷ୍ଠିତ ଦୀପୋତ୍ସବ ଭଳି ବଡଧରଣର ଦୀପୋତ୍ସବ ପାଳନ କରାଯାଇଥିଲା। କାର୍ତ୍ତବ୍ୟ ପଥଠାରେ ଉତ୍ସବକୁ ଉଦ୍ଘାଟନ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଥିଲେ ଯେ ଆଜିର ଦୀପୋତ୍ସବ କେବଳ ଦୀପର ପର୍ବ ନୁହେଁ ବରଂ ଏକ ନୂତନ ଜାଗରଣର ଶୁଭାରମ୍ଭ। ସେ କହିଥିଲେ ଯେ ଦିଲ୍ଲୀ ଏକ ନୂତନ କାହାଣୀ ଲେଖୁଛି, ଯେଉଁଠାରେ ବିଶ୍ୱାସ ଏବଂ ଆଧୁନିକତା ସୁନ୍ଦର ଭାବରେ ମିଶ୍ରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଉତ୍ସବ ସମୟରେ ପ୍ରାୟ ଏକ ଲକ୍ଷ ଏକାବନ ହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ହଜାର ହଜାର ଡ୍ରୋନ୍ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ରାମାୟଣର ଦିବ୍ୟ ଗାଥାକୁ ପରିପ୍ରକାଶ କରିଥିଲେ।

# ବିହାର ପୋଲ୍ସ କଂଗ୍ରେସ

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପାଞ୍ଚଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ କରିଛି। ଦଳ ନାରକଟିଆଗଞ୍ଜ ଆସନରୁ ଶାଶ୍ୱତ କେଦାର ପାଣ୍ଡେଙ୍କୁ ପ୍ରାର୍ଥୀ କରିଥିବା ବେଳେ ମହମ୍ମଦ କମରୁଲ ହୋଡା କିଶନଗଞ୍ଜରୁ ନିର୍ବାଚନ ଲଢ଼ିବେ। ଏହାବ୍ୟତୀତ ମହମ୍ମଦ ଇରଫାନ ଆଲମ

କସବାରୁ, ଜିତେନ୍ଦ୍ର ଯାଦବ ପୂର୍ଣ୍ଣିଆ ଆସନରୁ ଏବଂ ମୋହନ ଶ୍ରୀବାସ୍ତ ଗୟା ଟାଉନ ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହେବେ। କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯାଇଥିଲା।

## ଜେକେ-ବିଜେପି ଇଲେକ୍ସନ

ଜମ୍ମୁ ଏବଂ କାଶ୍ମୀରରେ, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଦେବଯାନୀ ରାଣା ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନାଗ୍ରୋଟା ବିଧାନସଭା ଉପନିର୍ବାଚନ ପାଇଁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆକାଶବାଣୀ ଜମ୍ମୁ ସମ୍ବାଦଦାତା ରିପୋର୍ଟ କରିଛନ୍ତି ଯେ ଦେବଯାନୀ ରାଣା, ବରିଷ୍ଠ ବିଜେପି ନେତା ଏବଂ ହଜାର ହଜାର ସମର୍ଥକଙ୍କ ସହିତ ଜମ୍ମୁରେ ରିଟର୍ଣ୍ଣିଂ ଅଫିସରଙ୍କ ସମ୍ମୁଖରେ ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି। ସେ ଚଳିତବର୍ଷ ଆରମ୍ଭରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଜାନୁଆରୀରେ, ତାଙ୍କୁ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା।

## ଇଡି-ତୃଣମୂଳ ଶାହା

ପଶ୍ଚିମବଙ୍ଗରେ କୋଟି କୋଟି ଟଙ୍କାର ସ୍କୁଲ ଚାକିରି ଦୁର୍ନୀତିରେ ସମ୍ପୃକ୍ତି ଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋଲକାତାରେ ଅର୍ଥ ଠକେଇ ନିବାରଣ ଆଇନର ଏକ ସ୍ୱତନ୍ତ୍ର କୋର୍ଟରେ ତୃଣମୂଳ କଂଗ୍ରେସ ବିଧାୟକ ଜୀବନ କୃଷ୍ଣ

ସାହାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ମୁର୍ଶିଦାବାଦ ଜିଲ୍ଲାର ବାରଓ୍ୱାନ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ସାହାଙ୍କୁ ଚଳିତ ବର୍ଷ ଅଗଷ୍ଟରେ ଇଡି ଅଧିକାରୀମାନେ ହେପାଜତକୁ ନେଇଥିଲେ। ସେ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଅଛନ୍ତି। ଇଡି ଅଧିକାରୀମାନେ ତାଙ୍କୁ ତାଙ୍କ ମୁର୍ଶିଦାବାଦ ବାସଭବନରୁ ହେପାଜତକୁ ନେବାର ପ୍ରାୟ ୬୦ ଦିନ ପରେ ଇଡି ଦ୍ୱାରା ୮୦ ପୃଷ୍ଠାର ଚାର୍ଜସିଟ୍ ସ୍ୱତନ୍ତ୍ର ପିଏମଏଲଏ କୋର୍ଟରେ ଦାଖଲ କରାଯାଇଥିଲା। ଚାର୍ଜସିଟ୍‌ରେ ତୃଣମୂଳ କଂଗ୍ରେସ ବିଧାୟକଙ୍କ ୧୨ଟି ସମ୍ପତ୍ତିର ବିବରଣୀ ମଧ୍ୟ ରହିଛି । ଏହି ମାମଲାରେ ସିବିଆଇ ପୂର୍ବରୁ ଶାହାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଗୁପ୍ତଚରମାନେ ମଧ୍ୟ ଗିରଫ କରିଥିଲା।

## ଆଫଗାନ-ପାକ୍ ସିଜ୍‌ଫାୟାର

ସୀମାରେ ଗତ କିଛିଦିନ ହେବ ତୀବ୍ର ସଂଘର୍ଷ ପରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ତୁରନ୍ତ ଅସ୍ତ୍ରବିରତି ଲାଗି ସମ୍ମତି ପ୍ରକାଶ କରିଛନ୍ତି । ଗତକାଲି କତାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି । ଗତକାଲି ଦୋହାରେ ଉଭୟଦେଶ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଆଲୋଚନାରେ କତାର ଏବଂ ତୁର୍କୀ ମଧ୍ୟସ୍ଥତା କରିଥିଲେ । ଏହି ସଂଘର୍ଷରେ ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନର ୧୭ଜଣ ନାଗରିକଙ୍କ ସମେତ ୩ଜଣ କ୍ରିକେଟ୍ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା ।

# ଜିଏସ୍‌ଟି ରିଫର୍ମ-ଇଲେକ୍ଟ୍ରୋନିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏବଂ ଗତ ମାସ ୨୨ ତାରିଖରେ ଆରମ୍ଭ ହୋଇଥିବା ଜିଏସଟି ବଚତ ଉତ୍ସବ ସମଗ୍ର ଦେଶକୁ ଲାଭ ଦେଉଛି। ଜିଏସଟି ସଂସ୍କାର ଦେଶର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ସଶକ୍ତ କରୁଛି।

ପରବର୍ତ୍ତୀ ପିଢ଼ିର GST ସଂସ୍କାର ପ୍ରତ୍ୟେକ ପରିବାର ପାଇଁ ଉତ୍ପାଦଗୁଡ଼ିକୁ ଅଧିକ ସୁଲଭ କରି ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରୁଛି। ଏୟାର କଣ୍ଡିସନର, ଡିସୱାସର ଏବଂ ଟେଲିଭିଜନ ଭଳି ଘରୋଇ ଉପକରଣ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ନାଗରିକମାନଙ୍କ ପାଇଁ ଏହି ଉପକରଣଗୁଡ଼ିକୁ ଅଧିକ ସୁଲଭ କରିବା ସହିତ ଘରୋଇ ଉତ୍ପାଦକମାନଙ୍କୁ ସେମାନଙ୍କର ବଜାରର ଆକାର ବିସ୍ତାର କରିବାରେ ସାହାଯ୍ୟ କରୁଛି। ସେହିପରି, ସରକାର ମନିଟର ଏବଂ ପ୍ରୋଜେକ୍ଟର ଉପରେ ଟିକସ ହାରକୁ ପୂର୍ବ ୨୮ ପ୍ରତିଶତ ସ୍ଲାବରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି। ଏହି ପଦକ୍ଷେପ କେବଳ ଗ୍ରାହକମାନଙ୍କୁ ଲାଭ ଦେଉନାହିଁ ବରଂ ଦେଶର ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ମଧ୍ୟ ସମର୍ଥନ କରୁଛି।

# ରିସି ସୁନକ ଅନ ଇଣ୍ଡିଆନ୍ ଇକୋନୋମି

ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ରିଷି ସୁନକ ଭାରତୀୟ ଅର୍ଥନୀତିକୁ ପ୍ରଶଂସା କରି କହିଛନ୍ତି ଭାରତ' ଗତ କିଛି ଦଶନ୍ଧି ମଧ୍ୟରେ ତା'ର ଜିଡିପିକୁ ୩ଗୁଣ ବୃଦ୍ଧି କରିବାରେ ସଫଳ ହୋଇଛି । ଗତକାଲି ନୂଆଦିଲ୍ଲୀରେ ଏକ ଘରୋଇ ଟିଭି ଚ୍ୟାନେଲ ସହ ସାକ୍ଷାତ୍‌କାରରେ ଶ୍ରୀ ସୁନକ କହିଛନ୍ତି ଭାରତ ତା'ର ବିଶ୍ୱଶକ୍ତି ବଜାୟ ରଖିବାରେ ସକ୍ଷମ ହୋଇଛି । ସେ କହିଛନ୍ତି ଭାରତୀୟ ଜନସଂଖ୍ୟାରେ ଏକ ବୃହତ୍ ଅଂଶ ଅର୍ଥନୈତିକ ଦୃଷ୍ଟିରୁ ସକ୍ଷମ ହେବା ସହ ଦେଶକୁ ବିଶ୍ୱସ୍ତରରେ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ।

# କ୍ରିକେଟ୍ : ଆଫଗାନିସ୍ତାନ-ପାକ୍

ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଆସନ୍ତା ନଭେମ୍ବର ଶେଷ ଭାଗରେ ପାକିସ୍ତାନରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଟି-୨୦ କ୍ରିକେଟ ସିରିଜରେ ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଛି। ଆଫଗାନିସ୍ତାନର ପାକଟିକା ପ୍ରଦେଶରେ ପାକିସ୍ତାନର ବିମାନ ଆକ୍ରମଣରେ ତିନି ଜଣ ଘରୋଇ କ୍ରିକେଟର୍ - କବୀର ଆଗା, ସିବଘାଟୁଲ୍ଲା ଏବଂ ହାରୁନଙ୍କ ମୃତ୍ୟୁ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଆକ୍ରମଣରେ ଅନେକ ସାଧାରଣ ନାଗରିକଙ୍କ ଜୀବନ ଯାଇଥିବା ଜଣାପଡିଛି।

ପୂର୍ବରୁ, ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଏହି ୩ଜଣ ଯୁବ କ୍ରିକେଟରଙ୍କ ଦୁଃଖଦ ହତ୍ୟା ଉପରେ ଏକ ବିବୃତ୍ତି ଜାରି କରିଥିଲା ଏବଂ ହିଂସାକାଣ୍ଡକୁ ନିନ୍ଦା

କରିଥିଲା। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଏହି ବିବୃତ୍ତି ପାଇଁ ଆଇସିସିକୁ କୃତଜ୍ଞତା ଜଣାଇଛି।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଆଫଗାନିସ୍ତାନ କ୍ରିକେଟରଙ୍କ ଦୁଃଖଦ ହତ୍ୟା ଉପରେ ଶୋକ ପ୍ରକାଶ କରିଛି। ସୂଚନା ଅନୁଯାୟୀ ଆଗାମୀ ତ୍ରିରାଷ୍ଟ୍ରୀୟ କ୍ରିକେଟ୍ ସିରିଜ୍ ଲାଗି ଆଫଗାନିସ୍ତାନ ବଦଳରେ ଜିମ୍ବାୱେ ଖେଳିବ ବୋଲି ଜଣାପଡିଛି । ଆସନ୍ତାମାସ ୧୭ରୁ ୨୯ ତାରିଖ ପର୍ଯ୍ୟନ୍ତ ପାକିସ୍ତାନର ରାଓଲପିଣ୍ଡି ଏବଂ ଲାହୋରରେ ଏହି ସିରିଜ୍ ଖେଳାଯିବ ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ସିରିଜ୍

ଭାରତ ଆଜିଠାରୁ ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିବ। ରୋହିତ ଶର୍ମାଙ୍କ ସ୍ଥାନରେ ଶୁଭମନ ଗିଲ୍ ନୂତନ ଏକଦିବସୀୟ ଅଧିନାୟକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୁବାଇରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଜିତିବା ପରେ ପ୍ରଥମ ଏକଦିବସୀୟ ଖେଳ ଦେଖିବା ପାଇଁ ପ୍ରଶଂସକମାନେ ଉତ୍ସାହିତ ଅଛନ୍ତି। ଭାରତୀୟ ସମୟ ସକାଳ ୯ଟା ସମୟରେ ମ୍ୟାଚ୍ ଆରମ୍ଭ ହେବ ।

## ମହିଳା କ୍ରିକେଟ୍ ବିଶ୍ୱକପ୍

ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପରେ, ଆଜି ମଧ୍ୟପ୍ରଦେଶର ଇନ୍ଦୋରର ହୋଲକର କ୍ରିକେଟ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ମଧ୍ୟରେ ମ୍ୟାଚ

ଅନୁଷ୍ଠିତ ହେବ। ମ୍ୟାଚ୍ ଅପରାହ୍ନ ୩ଟାରେ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଲଗାତାର ଦୁଇଟି ପରାଜୟ ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ମହିଳା ଦଳ ପୁଣି ଥରେ ଟ୍ରାକକୁ ଫେରିବାକୁ ଚେଷ୍ଟା କରିବ। ଭାରତ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି, ଯେତେବେଳେ କି ଇଂଲଣ୍ଡ ସେମାନଙ୍କଠାରୁ ଠିକ୍ ଉପରେ ତୃତୀୟ ସ୍ଥାନରେ ଅଛି।

ଗତକାଲି ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର ପ୍ରେମଦାସା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନ ହୋଇ ପାରିବାରୁ କୌଣସି ଫଳାଫଳ ମିଳିନଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୫ ଓଭରରେ ୫ ଓ୍ୱିକେଟ ହରାଇ ୯୨ ରନ୍ କରିଥିଲା, ଯେତେବେଳେ ଦ୍ୱିତୀୟ ଥର ବର୍ଷା ବାଧା ଯୋଗୁଁ ଖେଳ ବନ୍ଦ ହୋଇଗଲା। ଫାତିମା ସାନାଙ୍କ ନେତୃତ୍ୱାଧୀନ ପାକିସ୍ତାନ ଏହି ବିଶ୍ୱକପରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିପାରିନାହିଁ ଏବଂ ବର୍ତ୍ତମାନ ପଏଣ୍ଟ ଟେବୁଲର ତଳେ ରହିଛି।

## ହକି

ହକିରେ ମାଲେସିଆରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ୨୦୨୫ରେ ଭାରତ ରୌପ୍ୟ ପଦକ ହାସଲ କରିଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ' ଭାରତକୁ ୨-୧ରେ ପରାସ୍ତ କରିଛି ।

# କୋଲକାତା-ଫୁଟବଲ

ଫୁଟବଲରେ, ଗତକାଲି କୋଲକାତାର ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ମ୍ୟାଚ୍‌ରେ ଟାଇ ବ୍ରେକରରେ ୧୨୫ତମ ଆଇଏଫ୍‌ଏ ସିଲ୍ଡର ଫାଇନାଲରେ ମୋହନ ବାଗାନ ୫-୪ ଗୋଲରେ ଇଷ୍ଟବେଙ୍ଗଲ ଏଫସିକୁ ପରାସ୍ତ କରିଛି। ୨୧ତମ ଥର ପାଇଁ ମୋହନ ବାଗାନ ଆଇଏଫ୍‌ଏ ସିଲ୍ଡ ଜିତିଥିବା ବେଳେ ପୂର୍ବ ବେଙ୍ଗଲ ୨୯ ଥର ଜିତିଛି।